## ସଂକ୍ଷେପରେ

### ୨୮ରେ ଭଞ୍ଜନଗର ବାର୍ ଆସୋସିଏଶନ ନିର୍ବାଚନ ୭ରୁ ପ୍ରାର୍ଥୀପତ୍ର ଦାଖଲ

ଭଞ୍ଜନଗର,୬।୩(ବାବୁଲା ପ୍ରଧାନ): ଭଞ୍ଜନଗର ବାର୍ ଆସୋସିଏଶନ ନିର୍ବାଚନ ମାର୍ଚ୍ଚ ୨୮ ତାରିଖରେ ହେବ। ଏଥିପାଇଁ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ, ୧୧ରେ ଯାଞ୍ଚ ଓ ୧୨ ତାରିଖରେ ଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୩ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଦିବସ ଅଛି। ୧୪ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଚଳିତ ବର୍ଷ ବାର ଆସୋସିଏଶନ ନିର୍ବାଚନରେ ମହିଳା ଆଇନଜୀବୀଙ୍କ ମାନଙ୍କ ପାଇଁ ୩୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରଖାଯାଇଛି। ଯୁଗ୍ମ ସଂପାଦକ ଏବଂ କାର୍ଯ୍ୟକାରି କମିଟିର ଦୁଇଜଣ ସଭ୍ୟାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ୨୮ ତାରିଖ ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହେବ। ସେହିଦିନ ୪ଟା ପରେ ଗଣତି ହୋଇ ଫଳାଫଳ ଘୋଷଣା ହେବ। ଆଇନଜୀବୀ ଲଡ୍ଡୁ କିଶୋର ଆଳତିଆ, ତ୍ରିନାଥ ମଲ୍ଲିକ, ଅଭାଗିନୀ ବିଷୋୟୀ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱରେ ଅଛନ୍ତି।

### ମହୁମାଛି ଆତଙ୍କ, ଭୟରେ ଛାତ୍ରୀଛାତ୍ର

ଦାରିଙ୍ଗବାଡ଼ି,୬।୩ (ଅରୁଣ ସାହୁ) ଦାରିଙ୍ଗବାଡ଼ି ବ୍ଲକ୍‌ର ତିଲୋରୀ ପଞ୍ଚାୟତ ଡେମିଙ୍ଗିଆ ଗ୍ରାମର ଏକାଧିକ ଗଛରେ ମହୁମାଛି ବସା କରିଥିବାରୁ ଆତଙ୍କ ଦେଖାଯାଇଛି। ଗୋଟିଏ କି ୨ଟି ନୁହେଁ ଶହ ଶହ ବସା ବାନ୍ଧିଥିବା ଓ ଗାଁ ସାରା ମହୁମାଛି ବୁଲି ଖାଦ୍ୟ ସଂଗ୍ରହ କରୁଥିବା ବେଳେ ଲୋକଙ୍କୁ ଆକ୍ରମଣ କରୁଛନ୍ତି। ସେହି ରାସ୍ତା ଦେଇ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଯାଉଥିବା ବେଳେ ଆକ୍ରମଣର ଶିକାର ହେଉଛନ୍ତି। ସେହିପରି ଉକ୍ତ ରାସ୍ତା ଦେଇ କୋଟଗଡ଼ ବ୍ଲକ ପକାରୀ, ରାଣିପାଙ୍ଗା ଆଦି ଅଞ୍ଚଳକୁ ଲୋକଙ୍କ ଯାତାୟାତ ରହୁଥିବା ବେଳେ ଗାଡ଼ି ଶବ୍ଦରେ ମହୁମାଛି ଆହୁରି ଉଗ୍ର ହେଉଥିବା ଗ୍ରାମବାସୀ କହିଛନ୍ତି। କିଛି ଦିନ ହେଲା ଏହି ମହୁମାଛି ଦଳଦଳ ହୋଇ ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଏଥିପ୍ରତି ବନ ବିଭାଗ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଦୋଳଯାତ୍ରାରେ ଅଧିକ ପାନୁ ଆଦାୟ ଅଭିଯୋଗ

ଗଞ୍ଜାମ,୬।୩(ବିଦ୍ୟାଧର ସାହୁ) ଗଞ୍ଜାମ ସହରରେ ୫ଦିନ ଧରି ଅନୁଷ୍ଠିତ ହୋଇଥିବା ପ୍ରସିଦ୍ଧ ଐତିହାସିକ ଦୋଳ ପୂର୍ଣ୍ଣମୀ ଯାତ୍ରା ସୁରୁଖୁରୁରେ ଶେଷ ହେଇଛି। ଗଞ୍ଜାମ ଥାନା ପୋଲିସ ଓ ଏନ୍‌ଏସି ପ୍ରଶାସନର ସହାୟତାରେ ଏହି ଦୋଳଯାତ୍ରା ଏକ ପ୍ରକାର ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଥିଲା କିନ୍ତୁ ଯାତ୍ରାକୁ ଆସିଥିବା ବେଲୁନୁ ଓ ଚଣା ବେପାରୀଙ୍କ ଠାରୁ ୧୦/୨୦ ଟଙ୍କା ପାନୁ ବଦଳରେ ୧୦୦ ଟଙ୍କା, ୫୦ ଟଙ୍କା ଜୋର ଜବରଦସ୍ତ ଆଦାୟ ହୋଇଥିବା ଅଭିଯୋଗ ହୋଇଛି। କିଛି ବେଲୁନ ଓ ଚଣା ବେପାରୀଙ୍କ କହିବାନୁସାରେ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ଏହି ଯାତ୍ରାକୁ ଆମେ ପସରା ନେଇକି ଆସୁଥିଲୁ କୌଣସି ବର୍ଷ ଏମିତି ପାନୁ ଅଦାୟ କରାଯାଉ ନଥିଲା କିନ୍ତୁ ଚଳିତ ବର୍ଷ ୧୦୦ ଟଙ୍କା ଦିଅ ନ ହେଲେ ଦୋକାନ ଭାଙ୍ଗି ସ୍ଥାନ ଛାଡି ଚାଲିଯାଅ ବୋଲି ପାନୁ ଆଦାୟକାରୀ କହିଥିବା ଗଣମାଧ୍ୟମକୁ କହିଛନ୍ତି। ଏସମ୍ପର୍କରେ ଇଓ ଅପର୍ଣ୍ଣା ଡାଙ୍ଗୁଆ କହିଛନ୍ତି ପାନୁ କଲେକ୍ସନ ଠିକା ନେଇଥିବା ବ୍ୟକ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଋଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନରେ ବିଳମ୍ବ

ଗଞ୍ଜାମ,୬।୩(ଅନାଥ ତରାଇ) ଗଞ୍ଜାମ ଜିଲା ଋଷିକୁଲ୍ୟା ମୁହାଣରେ ବହୁ ପ୍ରତିକ୍ଷିତ ଅଲିଭ ରିଡଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଚଳିତ ବର୍ଷ ସାମାନ୍ୟ ବିଳମ୍ବ ହେବାରେ ଲାଗିଛି। ବିଶେଷ କରି ଅସ୍ୱାଭାବିକ ଦକ୍ଷିଣା ପବନ ଓ ପ୍ରତିକୂଳ ପାଣିପାଗ ଯୋଗୁ ଏହି ବିରଳ ସାମୁଦ୍ରିକ ଅତିଥିମାନେ କୂଳକୁ ଆସିବା ପାଇଁ ସଠିକ୍ ସମୟକୁ ଅପେକ୍ଷା କରିଛନ୍ତି। ବନ ବିଭାଗର ସୂଚନାନୁଯାୟୀ, ଗଣ ଅଣ୍ଡାଦାନ ବା 'ଅରିବାଡା' ପାଇଁ ସମୁଦ୍ର କୂଳରେ ଥଣ୍ଡା ପାଣିପାଗ ଏବଂ ଅନୁକୂଳ ଦକ୍ଷିଣା ପବନର ଆବଶ୍ୟକତା ରହିଥାଏ, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଯଦିଓ ଗଞ୍ଜାମ ଉପକୂଳର କିଛି କଇଁଛ ଅଣ୍ଡା ଦେବା ଆରମ୍ଭ କଲେଣି। କିନ୍ତୁ ସମୁଦ୍ର ମଧ୍ୟରେ ଲକ୍ଷ ଲକ୍ଷ କଇଁଛ ଗଣ ଅଣ୍ଡାଦାନ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ସ୍ଥାନୀୟ ବାସିନ୍ଦା ଓ ପରିବେଶବିତଙ୍କ ମତରେ, ବର୍ତ୍ତମାନ ପୂର୍ଣ୍ଣିମା ଶେଷ ହୋଇଥିବାରୁ ଯେ କୌଣସି ମୁହୂର୍ତ୍ତରେ



ଋଷିକୁଲ୍ୟା ମୁହାଣ

ଏହି ବିରଳ କଇଁଛମାନେ ବେଳାଭୂମିକୁ ମାଡ଼ି ଆସିପାରନ୍ତି। ଗତ ବର୍ଷ ଗଞ୍ଜାମ ନିକଟସ୍ଥ ପୋଡ଼ମପେଟା ବେଳାଭୂମିରେ ପ୍ରାୟ ୯ ଲକ୍ଷରୁ ଅଧିକ କଇଁଛ ଅଣ୍ଡା ଦେଇ ରେକର୍ଡ କରିଥିଲେ। ଚଳିତ ବର୍ଷ ମଧ ସମାନ ଧରଣର ସମାଗମ ହେବ ବୋଲି ବୈଜ୍ଞାନିକ ଓ ବନ ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି। ଏହି ସାମୁଦ୍ରିକ ଅତିଥିଙ୍କ ସୁରକ୍ଷା ପାଇଁ ବନ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆର୍ଯ୍ୟପଲୀ ବେଳାଭୂମି ଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ପ୍ରାୟ ୨୦ କିଲୋମିଟର ପରିମିତ ସମୁଦ୍ର ମଧ୍ୟରେ ମାଛ ଧରା ଉପରେ କଟକଣା ଜାରି କରାଯାଇଛି। ଏହି ନିଷେଧାଦେଶ ଆସନ୍ତା ମେ'ମାସ ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ମେରାଇନ

### ପାଣିପାଗ ସାଜିଛି ବାଧକ

ପୋଲିସ ଓ ବନ କର୍ମଚାରୀମାନେ ଦିନରାତି ଉପକୂଳ ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି। ଯେପରି କଇଁଛମାନଙ୍କର ଅଣ୍ଡାଦାନ ସମୟରେ କୌଣସି ବାଧା ସୃଷ୍ଟି ନ ହୁଏ। ସାମୁଦ୍ରିକ କଇଁଛ ସୁରକ୍ଷା ସମିତିର ସମ୍ପାଦକ ରବୀନ୍ଦ୍ର ନାଥ ସାହୁଙ୍କ କହିବାନୁଯାୟୀ ଗତ ବର୍ଷ ଫେବୃଆରୀ ୨ୟ ସପ୍ତାହର ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇସାରିଥିଲା। ବର୍ତ୍ତମାନ ପ୍ରତିକୂଳ ପାଣିପାଗ ଏବଂ ଅସ୍ୱାଭାବିକ ଦକ୍ଷିଣା ପବନ ମୁଖ୍ୟ କାରଣ ହୋଇପାରେ। କଇଁଛମାନେ ସମୁଦ୍ର କୂଳକୁ ଆସିବା ପାଇଁ ଏକ ନିର୍ଦ୍ଦିଷ୍ଟ ତାପମାତ୍ରା ଓ ପବନର ଗତିକୁ ଅପେକ୍ଷା କରିଥାନ୍ତି, ଯାହା ବର୍ତ୍ତମାନ ସୁଦ୍ଧା ଅନୁକୂଳ ହୋଇନାହିଁ। ପରିବେଶବିତ୍‌ମାନେ ଆଶା କରୁଛନ୍ତି ଯେ, ଆସନ୍ତା କିଛି ଦିନ ମଧ୍ୟରେ ପରିସ୍ଥିତି ସୁଧୁରିବ ଏବଂ ପୁଣି ଥରେ ଋଷିକୂଲ୍ୟା ବେଳାଭୂମିରେ ଅଲିଭ୍ ରିଡଲେଙ୍କ କଳରବ ଶୁଣିବାକୁ ମିଳିବ।

# ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଉପସ୍ଥିତ ପଣ୍ଡିତ ଓ ଗଣ୍ୟମାନ୍ୟ ବ୍ୟକ୍ତି ବୃନ୍ଦ।

ଦିଗପହଣ୍ଡି,୬।୩(ଅଶେଷ ନାଥ ମିଶ୍ର): ଗଞ୍ଜାମ ଜିଲା ଦିଗପହଣ୍ଡି–ଆସିକା ମୁଖ୍ୟରାସ୍ତାର ଚାଞ୍ଚଡାପଲ୍ଲୀ ଛକରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ନିମନ୍ତେ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ଗୁରୁକୃପା ସେବା ସମିତିର ଆବାହକ ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥଙ୍କ ରାଷ୍ଟ୍ରୀୟ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ ମନ୍ଦିର ନିର୍ମାଣ ନିମନ୍ତେ ବାସ୍ତୁ ଶିଳା ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ଚାଞ୍ଚଡାପଲ୍ଲୀ ଗ୍ରାମ ପୋଖରୀରେ ଗଙ୍ଗା ଆବାହନ କରାଯାଇ କଳସ ଶୋଭାଯାତ୍ରା ବାହାରି ପ୍ରସ୍ତାବିତ ମନ୍ଦିର ନିର୍ମାଣ ସ୍ଥଳରେ ପହଞ୍ଚିଥିଲା। ସେଠାରେ ନୀତି କାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମ କରାଯାଇଥିଲା। କାର୍ଯ୍ୟକ୍ରମରେ ଦିଗପହଣ୍ଡି ଏନଏସିର ପୂର୍ବତନ ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ସରପଞ୍ଚ ଫନେନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲା ପରିଷଦ ବୈଠକରେ ହୋହଲ୍ଲା

ଛତ୍ରପୁର,୬।୩ (ଦିଲୀପ ସାମଲ) ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଅଷ୍ଟମ ଜିଲା ପରିଷଦ ବୈଠକ ଶୁକ୍ରବାର ବସିଥିଲା। ତେବେ ହୋହଲା ସହିତ ପୂର୍ବସରକାର ଏବଂ ବର୍ତ୍ତମାନର ସରକାରଙ୍କୁ ନେଇ ଆରୋପ ଏବଂ ପ୍ରତ୍ୟାରୋପ ଯୋଗୁ କିଛି ସମୟ ବୈଠକ ବନ୍ଦ ରହିଥିଲା । ଗୋପାଳପୁର ନିର୍ବାଚନ ମଣ୍ଡଳୀର କନିଷି ତହସିଲ ନିକଟ ଏକ ଆରଡ଼ି ରାସ୍ତା ଏ ପର୍ଯ୍ୟନ୍ତ ଏମ୍‌ପି ଏବଂ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ବିବାଦ ମଧ୍ୟରେ ଯୋଗୁ ସାଧାରଣ ଲୋକେ ବିଭିନ୍ନ ଅସୁବିଧା ଭୋଗୁଛନ୍ତି ବୋଲି ଅଭିଯୋଗ କରି ୫୪ ନଂ. ଜିଲା ପରିଷଦ ସଭ୍ୟ ଦୀପକ ସାମନ୍ତ ଏନେଇ ଆରଡ଼ି ବିଭାଗ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ । ଏହାକୁ ନେଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ କହିଥିଲେ ଏମ୍‌ପି ଓ ମନ୍ତ୍ରୀଙ୍କ ମଧ୍ୟରେ ବିବାଦ ନାହିଁ ପୂର୍ବ ସରକାର କରିଥିବା କାର୍ଯ୍ୟ ଯୋଗୁ ଏବେ ଆମେ ଅସୁବିଧାର ସମ୍ମୁଖୀନ ହେଉଛୁ ବୋଲି କହିଥିଲେ। ବିଧାୟକଙ୍କ ଏହି କଥାକୁ ନେଇ ବହୁ ସଂଖ୍ୟକ ବିଜେଡି ଜିଲା ପରିଷଦ ସଭ୍ୟାସଭ୍ୟମାନେ ପ୍ରତିବାଦ କରିଥିଲେ। ବର୍ତ୍ତମାନର ଭାଜପା ସରକାର କିଛି କରି ନ ପାରି କେବଳ ରଙ୍ଗ ବୋଳାରେ ସମୟ ସାରୁଛନ୍ତି ବୋଲି ବିଜେଡି ସଭ୍ୟାସଭ୍ୟମାନେ କହିବାରୁ ହୋହଲ୍ଲା ହୋଇଥିଲା । ଜିଲା ପରିଷଦ



ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା ମଧ ଏହାର ପ୍ରତିବାଦ କରିଥିଲେ । ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଶିବ ଦାଶ ଜିଲା ପରିଷଦ ଉପାଧ୍ୟକ୍ଷାଙ୍କୁ ହୁଆର ୟୁ ବୋଲି ପଚାରିବାରୁ ଏହାକୁ ନେଇ କିଛି ସମୟ ଧରି ପାଟିତୁଣ୍ଡ ହୋଇଥିଲା। ବିଜେଡି ଜିଲା ପରିଷଦ ସଭ୍ୟାସଭ୍ୟମାନେ ବିରୋଧ କରି କ୍ଷମା ପ୍ରାର୍ଥନା ଦାବିରେ ବୈଠକର ତଳେ ବସି ପ୍ରତିବାଦ କରିଥିଲେ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧିଙ୍କୁ ଗୃହରୁ ବାହାରକୁ ଯିବାକୁ କହିଥିଲେ। ଏଥିସହ ଜିଲାପାଳଙ୍କ ନିର୍ଦ୍ଦେଶରେ ତାଙ୍କ ପିଏସଓ ଆସି ତାଙ୍କୁ ମଧ ଚାଲିଯିବାକୁ କହିଥିଲେ । ପରେ ବିଧାୟକଙ୍କ ପ୍ରତିନିଧି ଗୃହ ବାହାରକୁ ଚାଲିଯାଇଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଏବଂ ଜିଲାପାଳଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇ ପୁଣି ବୈଠକ ଆରମ୍ଭ ହୋଇଥିଲା। ପରେ ଏଜେଣ୍ଡା ଅନୁସାରେ ବିଭିନ୍ନ ବିଭାଗ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗ୍ରାମୀଣ ଗୃହ, ପାନୀୟ ଜଳ, ଜିଲା ଜଳ ଓ ପରିମଳ ମିଶନ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି, ସ୍ୱାସ୍ଥ୍ୟ ସେବା, ଯୋଗାଣ, ଶିକ୍ଷା, କୃଷି ବିଭାଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ,ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଗଞ୍ଜାମ ଜିଲା ପରିଷଦର ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଜିଲା ପରିଷଦ ଇନଚାର୍ଜ ସିଡିଓ ବିଜୟ ବେହେରା, ବିଏମସି କମିସନର ପ୍ରଥମେଶ ଅରବିନ୍ଦ ରାଜସିକ୍ରେ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଦାରିଙ୍ଗବାଡି, ୬।୩ (ଅରୁଣ ସାହୁ) ଦାରିଙ୍ଗବାଡି ଥାନା ଶ୍ରାନିକେତା ପଞ୍ଚାୟତ ସିର୍ଶାମାହାଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦାରିଙ୍ଗବାଡି ବ୍ଲକ ତିଲୋରି ଶ୍ରୀରାମନଗର ସାହିର ଦୟା ନାୟକଙ୍କ ପୁଅ ନାନୁ ନାୟକ (୨୨) ବୋଲି ପୋଲିସ କହିଛି। ବିଳମ୍ବିତ ରାତ୍ରିରେ ନାନୁ ବାଇକ୍ ଯୋଗେ ଦାରିଙ୍ଗବାଡିରୁ ନିଜ ଗ୍ରାମ ଅଭିମୁଖେ ଫେରୁଥିଲେ। ବିପରିତ ଦିଗରୁ ଆସୁଥିବା କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ନାନୁଙ୍କୁ ଗୁରୁତର ଅବସ୍ଥାରେ ଦାରିଙ୍ଗବାଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି।

### ୨ ବାଇକ୍ ମୁହାଁମୁହିଁ ଧକ୍କା : ଜଣେ ମୃତ, ୨ ଗୁରୁତର

ଖଜୁରିପଡ଼ା,୬।୩ (ବିଦୁର ବେହେରା) ଖଜୁରିପଡ଼ା ଥାନା ସମ୍ପେପଦରଘାଇ ନିକଟସ୍ତ ମୁସ୍କିଲ ରାସ୍ତା ଛକରେ ଶୁକ୍ରବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଖଜୁରିପଡ଼ା ବନ୍ଧସାହିର କାମଦେବ ବେହେରା। ଅନ୍ୟ ଗୁରୁତରମାନେ ହେଲେ ଖଜୁରିପଡ଼ାରେ ବ୍ଲକ୍‌ରେ ପାନୀୟଜଳ ଯୋଗାଣ ବିଭାଗର କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ଚରଣ ବେହେରା ଓ ବନ୍ଧସାହିର ଫଗୁଆ ବେହେରା। ସୂଚନା ଅନୁସାରେ, ଖଜୁରିପଡ଼ାରେ ବ୍ଲକ୍‌ରେ ପାନୀୟଜଳ ଯୋଗାଣ ବିଭାଗର କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ଚରଣ ବେହେରା ଫୁଲବାଣୀ ଡିଭିଜନ କାର୍ଯ୍ୟାଳୟରେ କାର୍ଯ୍ୟସାରି ଖଜୁରିପଡ଼ା ବ୍ଲକ୍‌କୁ (ଓଡ଼ି ୧୨ ଏଫ୍ ୫୩୮୪) ବାଇକ୍ ଯୋଗେ ଫେରୁଥିବା ବେଳେ ବିପରିତ ଦିଗରୁ ଦ୍ରୁତ ଗତିରେ ଆସୁଥିବା (ଓଡ଼ି ୩୩ ଏ.ଜି ୩୨୬୧) ବାଇକ୍‌ରେ ବନ୍ଧସାହିର ଫଗୁଆ ବେହେରା ଏବଂ କାମଦେବ ବେହେରାଙ୍କ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଦମକଳ ବାହିନୀ ଘଟଣାସ୍ଥଳରୁ ଉଦ୍ଧାର କରି ଖଜୁରିପଡ଼ା ମେଡିକାଲରେ ଭର୍ତ୍ତି କରିଥିଲା। ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର କାମଦେବଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

### ପାଳଗଦା ଜଳିଗଲା



ଟିକିଟି, ୬।୩.(ପ୍ରକାଶ ଚନ୍ଦ୍ର ସାହୁ) ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ବି. ନୂଆପଡାର ଚାଷୀ ରାମ ଗୌଡ଼ଙ୍କ ୫୦ ଭରଣର ପାଳଗଦା ଶୁକ୍ରବାର ପୋଡି ପାଉଁଶ ହୋଇଯାଇଛି। ସେ ଧାନ ଖଳାରେ ଏହି ପାଳଗଦା ରଖିଥିଲେ। ପାଳଗଦାରେ ନିଆଁ ଲାଗିଥିବା ଦେଖି ଆଖପାଖରେ ଥିବା ଲୋକେ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଏନେଇ ଗ୍ରାମବାସୀ ଟିକିଟି ଦମକଳ କେନ୍ଦ୍ରକୁ ଜଣାଇବା ପରେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ସମ୍ପୂର୍ଣ୍ଣ ପାଳଗଦା ଜଳିସାରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିଲେ ସୁଦ୍ଧା କୌଣସି ଦୁର୍ବୃତ୍ତ ଏଭଳି ଘଟାଇଥିବା ସନ୍ଦେହ କରାଯାଉଛି।

# ବ୍ଲକ୍ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

ଆସିକା, ୬।୩ (ସୁରେନ୍ଦ୍ର ନାଥ ସାହୁ) ଆସିକା ବ୍ଲକ୍ ନିମିନା ପଞ୍ଚାୟତର ସରପଞ୍ଚ ତଥା ବ୍ଲକ୍ ବିଜେଡି ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚିଙ୍କୁ ଗୁରୁବାର କଳିଙ୍ଗାରୋଡସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପୂର୍ବତନ ଏମ୍.ପି. ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜିଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ନଗର ବିଜେଡି ସଭାପତି ତାରିଣୀ ସେନାପତି, ସରପଞ୍ଚ ଭବାନୀ ଶଙ୍କର ମଲିକ, ଜିଲାପରିଷଦ ସଦସ୍ୟ ମନୋଜ ଦୋରା, ଅନିଲ୍ ନାୟକ, ପୌରାଞ୍ଚଳ ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ପ୍ରସନ୍ନ ତ୍ରିପାଠୀ, ଜିତେନ୍ଦ୍ର ମହାରଣା, ନଗମାନନ୍ଦ ରାଉତଙ୍କ ସମେତ ବହୁ ଦଳୀୟ କର୍ମୀ କାର୍ଯ୍ୟକ୍ରମରେ ସାମିଲ୍ ଥିଲେ। ପୂର୍ବରୁ ଏହି ବ୍ଲକ୍‌ର ସଭାପତି ଓ ପୂର୍ବତନ ବିଧାୟକଙ୍କ ପ୍ରତିନିଧି ଦାୟିତ୍ୱ ତୁଲାଇଥିବା ଚର୍ଚ୍ଚିଙ୍କ ଦ୍ୱାରା ଦଳୀୟ ସାଂଗଠନିକ ଅଭିବୃଦ୍ଧି ଅଧିକ ଗତିଶୀଳ ହେବ ବୋଲି ଆଶା ପ୍ରକାଟ କରାଯାଇଥିଲା ।

# କୋର୍ଟ ସମ୍ମୁଖରେ ହତ୍ୟା ମାମଲା, ଅଭିଯୁକ୍ତ କୋର୍ଟ ଚାଲାଣ

ଭଞ୍ଜନଗର,୬।୩(ବାବୁଲା ପ୍ରଧାନ) ଗଞ୍ଜାମ ଜିଲା ଭଞ୍ଜନଗର କୋର୍ଟ ସମ୍ମୁଖରେ ଗୁରୁବାର ଦିନ ଦ୍ୱିପହରରେ ବୁଦୁଲି ଗ୍ରାମର ଅଶୋକ ସ୍ୱାଇଁଙ୍କୁ ଗୋଡାଇଗୋଡାଇ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୋଲିସ ଗିରଫ କରିଥିବା ଅଭିଯୁକ୍ତ ଦିଲୀପ ଜେନାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାପରେ ତାଙ୍କୁ ଭଞ୍ଜନଗର ଜେଲ ହାଜତକୁ ପଠାଯାଇଛି।

ମାମଲାରୁ ପ୍ରକାଶ, ଅଶୋକ କିଛି ବର୍ଷ ତଳେ ଦିଲୀପଙ୍କ ସ୍ତ୍ରୀଠାରୁ କିଛି ଅଳଙ୍କାର ଓ ଟଙ୍କା ଧାର ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ଟଙ୍କା ଓ ଅଳଙ୍କାର ଅଶୋକ ଫେରାଇ ନ ଥିଲେ।



ଗିରଫ ଅଭିଯୁକ୍ତ ଦିଲୀପ।

ଏହାକୁ ନେଇ ଦିଲୀପ ଓ ଅଶୋକଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା। ୨୦୨୪ ଅଗଷ୍ଟ ମାସରେ ଗଣ୍ଡଗୋଳ ହୋଇଥିଲା। ସେ ସମୟରେ ଦିଲୀପଙ୍କ ସ୍ତ୍ରୀ ଥାନାରେ ଅଶୋକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ସେ ସମୟରେ ଅଶୋକଙ୍କୁ ପୋଲିସ ନଂ.୭୭୦/୨୪ରେ ମାମଲା ରୁଜୁ କରି ଗିରଫ କରିଥିଲା। ୬ ମାସ ପରେ ଅଶୋକ ଜାମିନରେ ଆସିଥିଲେ। ଗତକାଲି ଉକ୍ତ ମାମଲାର ତାରିଖ ଥିଲା। ହାଜିରା ପକାଇବାକୁ ଅଶୋକ ଭଞ୍ଜନଗରସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟକୁ ଆସିଥିଲେ। ହାଜିରା ପକାଇ ଫେରିବା ସମୟରେ ପୂର୍ବରୁ କୋର୍ଟ ସମ୍ମୁଖରେ ଜଗି ରହିଥିବା ଦିଲୀପ ଅଶୋକଙ୍କୁ ଗୋଡାଇ ଗୋଡାଇ ଟାଙ୍ଗିଆରେ ହାଣିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଅଶୋକଙ୍କ ମୃତ୍ୟୁ ଘଟିଥିଲା। ଲୋକେ ଅଭିଯୁକ୍ତ ଦିଲୀପଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଆର, ଉଦୟଗିରି,୬.୩(ମନୋଜ କୁମାର ପାଢୀ) ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ କେଏମ ଭାଲିଆସାହି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କେଦାର ନାଥ କରଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। କର ଅନ୍ୟତ୍ର ଚାକିରି ପାଇଥିବାରୁ ସେ ଶିକ୍ଷକତା ଚାକିରି ଛାଡି ନୂତନକାର୍ଯ୍ୟରେ ଯୋଗ ଦେବାକୁ ଯିବେ। ଏନେଇ ଅନୁଷ୍ଠିତ ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଶିଅଳ ଓ ଅନ୍ୟମାନେ ଉପସ୍ଥିତ ରହି ଶିକ୍ଷକ କରଙ୍କ ଆଗାମୀ ସୁଖପ୍ରଦ ଜୀବନ କାମନା କରିଥିଲେ। ବିଦାୟୀ ଅଭିଭାଷଣରେ କର ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସର୍ବଦା ଏହି ବିଦ୍ୟାଳୟର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଗଞ୍ଜାମ ପୋଲିସ ଜିଲାରେ ଖୋଲିଲା ସାଇବର ଥାନା

ଛତ୍ରପୁର,୬।୩ (ଦିଲୀପ ସାମଲ) ଓଡିଶାରେ ସାଇବର ଅପରାଧକୁ ରୋକିବା ଏବଂ ଏହାର ତଦନ୍ତକୁ ଅଧିକ ଶକ୍ତିଶାଳୀ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ୨୪ଟି ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଓଡ଼ିଶା ଗସ୍ତରେ ଆସିଥିବା ଗୃହମନ୍ତ୍ରୀ ଅମିତ ଶାହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭିସି ଜରିଆରେ ଛତ୍ରପୁରରେ ଶୁକ୍ରବାର ଏକ ସାଇବର ଥାନା ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ବ୍ରହ୍ମପୁର ପୋଲିସ ଜିଲାରେ ଗୋଟିଏ ସାଇବର ଥାନା ଥିଲା। ଏବେ ଗଞ୍ଜାମ ପୋଲିସ ଜିଲା ଅଧୀନ ଛତ୍ରପୁରରେ ଏହି ଥାନା ଖୋଲାଯାଇଛି । ଏହି ଅବସରରେ ଛତ୍ରପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର ଓ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଉପସ୍ଥିତ ଥିଲେ । ଦକ୍ଷିଣାଞ୍ଚଳ ରେଞ୍ଜ ଅଧୀନରେ ୩ଟି ସାଇବର ଥାନା ଗଞ୍ଜାମ, ଗଜପତି ଓ ବୌଦ୍ଧ ଜିଲାରେ ମଧ ଆଜି



ଏହି ଥାନା ଖୋଲିଛି ବୋଲି ଆଇଜି ସୂଚନା ଦେଇଥିଲେ। ଦିନକୁ ଦିନ ସାଇବର ଅପରାଧ ବଢୁଥିବାର ଏହି ଥାନାରେ ସ୍ୱତନ୍ତ୍ର ଟିମ ରହିବେ। ଗଞ୍ଜାମ ସାଇବର ଥାନାରେ ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ୭ ଜଣ ଆଇଆଇସି, ୨ଜଣ ଏସ୍‌ଆଇ, ଜଣେ ଏଏସ୍‌ଆଇ, ୩ ଜଣ କନଷ୍ଟେବଲ ରହିବେ। ସୂଚନାଯୋଗ୍ୟ, ସାଇବର ଲୁଟେରାମାନେ ପ୍ରଥମେ ଲୋଭ ଦେଖାଇ ଲୋକଙ୍କ ମନରେ ଆଶା ଓ ବିଶ୍ୱାସ ଜମାଇ ଓଟିପି କିମ୍ବା ପାସୱାର୍ଡ ମାଗି ଆକାଉଣ୍ଟ ହ୍ୟାକ କରି ଟଙ୍କା ହଡପ କରିନେଇଥାନ୍ତି। ଅନଲାଇନ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ, ଡିଜିଟାଲ ଆରେଷ୍ଟ, ଲୋଭନୀୟ ଅଫର, ନକଲି ପରିଚୟ,ଏଟିଏମ ଠକେଇ କରି ସେମାନେ ଲୋକଙ୍କଠାରୁ ଟଙ୍କା ଠକେଇ କରି ନେଇଯାଇଥାନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁ, ଚିନ୍ମୟ ନାୟକ, ଡିଏସ୍‌ପି ଗିରିଜାନନ୍ଦନ ପଟ୍ଟନାୟକ, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡାଇ, ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ କାଳୁ ଚରଣ ବେହେରା, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ସାଇବର ଥାନାର ଜ୍ୟୋତି ରଞ୍ଜନ ବେହେରା ଉପସ୍ଥିତ ଥିଲେ ।

### ଦିବ୍ୟଜୀବନ ସଂଘର ସାଧନା ଶିବିର

ଧରାକୋଟ,୬।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ମୁଣ୍ଡମରାଇ ଦିବ୍ୟ ଜୀବନ ସଂଘ ଶାଖାର ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ଦିବସୀୟ ସାଧନା ଶିବିର ଅନୁଷ୍ଠିତ ହୋଇଛି। ଗଞ୍ଜାମ ଜିଲା ଦିବ୍ୟ ଜୀବନ ସଂଘ ବିଭିନ୍ନ ଶାଖାର ସଭାପତି ସମ୍ପାଦକ, ସଂଗଠକ, କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଦକ୍ଷିଣ ଓଡ଼ିଶା ଦିବ୍ୟ ଜୀବନ ସଂଘର ସମନ୍ୱୟ ସମିତି ତଥା ଆସିକା ଦିବ୍ୟ ଜିଲାର ମୁଖ୍ୟ ସଂଗଠକ ଜୟଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ଶାଖାର କୁଞ୍ଜ ବିହାରୀ ପାଢ଼ୀ, ଶିକ୍ଷାବିତ୍ ପ୍ରଦୀପ ନାୟକ ବିଭିନ୍ନ ପରାମର୍ଶ ଦେଇଥିଲେ। ପି. ତ୍ରିନାଥ ପାତ୍ର, ଗଣେଶ ଚନ୍ଦ୍ର ପାତ୍ର, ଭିକାରୀ ଚରଣ ପାତ୍ର, ୟୁ ନାଗେଶ୍ୱର ରାଓ ସହଯୋଗ କରିଥିଲେ।

# ମହେନ୍ଦ୍ରଗିରିରେ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପାରଳାଖେମୁଣ୍ଡି,୬।୩ (ଗିରିଧାରୀ ପରିଚ୍ଛା) ଗଜପତି ଜିଲା ରାୟଗଡ ବ୍ଲକ ଅଧୀନ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ଗତ ୨୮।୨।୨୬ରେ ଦେଖା ଦେଇଥିବା ବିବାଦର ସ୍ଥାୟୀ ସମାଧାନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରି ଭଙ୍ଗାରୁଜା ଓ ଆକ୍ରମଣ କରୁଥିବା ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳର ଶତାଧିକ ଲୋକେ ଶୁକ୍ରବାର ମହେନ୍ଦ୍ରଗିରିଠାରେ ଏକାଠି ହୋଇଥିଲେ। ମହେନ୍ଦ୍ରଗିରି ଇକୋ ଡେଭେଲପମେଣ୍ଟ କମିଟି ଆନୁକୂଲ୍ୟରେ ହୋଇଥିବା ଏହି ବୈଠକରେ ଭାସ୍କର ତୀର୍ଥ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା ସଂଘ ଚାଳକ ରାଧାକୃଷ୍ଣ ଜାନି, ବିଶ୍ୱହିନ୍ଦୁ ପରିଷଦ ସଭାପତି ଗୌରାଙ୍ଗ ଗମାଙ୍ଗ, ଇକୋ ଡେଭେଲପମେଣ୍ଟ କମିଟି ସଭାପତି ସନ୍ୟାସୀ ଭୂୟାଁ, କମିଟିର ସମ୍ପାଦକଭାସ୍କର ମଣ୍ଡଳ, କୋଷାଧ୍ୟକ୍ଷ, କମିଟି ଟ୍ରଷ୍ଟ ସଦସ୍ୟ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଭଗବତ ପାଇକ, ସିଦ୍ଧେଶ୍ୱର ମିଶ୍ର, ଭାଜପା ନେତା ଗଣେଶ ମଣ୍ଡଳ ପ୍ରମୁଖ



ବୈଠକରେ ଉପସ୍ଥିତ ଗ୍ରାମବାସୀ ଆଲୋଚନା କରୁଛନ୍ତି।

#### ଜିଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ଦେଲେ ଅଞ୍ଚଳବାସୀ

ଉପସ୍ଥିତ ଥିଲେ। ଉପସ୍ଥିତ ଅଞ୍ଚଳବାସୀ କହିଛନ୍ତି, ମହେନ୍ଦ୍ରଗିରି ଏକ ପବିତ୍ର ସ୍ଥାନ। ଏହାର ପବିତ୍ରତା ରକ୍ଷା କରିବା ଏବଂ ଏଠିକୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅତ୍ୟନ୍ତ ନିନ୍ଦନୀୟ। ଏପରି କରୁଥିବା ଲୋକଙ୍କୁ ଉଚିତ ଜବାବ ମିଳିବ। ବୈଠକ ପରେ ସନ୍ଧ୍ୟାରେ ଉନ୍ନୟନ କମିଟି ସଦସ୍ୟ ଏବଂ ଅଞ୍ଚଳବାସୀ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଓ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡାଙ୍କୁ ଭେଟି ମହେନ୍ଦ୍ରଗିରିରେ ବାରଘର ଗାଁର କେତେ ଜଣ ଲୋକ ବାରମ୍ବାର ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଯାହା ଅସହ୍ୟ ହେଲାଣି। ବିଶୃଙ୍ଖଳାକରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଯଦି ସ୍ଥିତିରେ ସୁଧାର ନ ଆସେ ତେବେ ସେମାନେ ଆଗାମୀ ଦିନରେ ଏହାର ଉଚିତ ଜବାବ ଦେବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ବାସ୍କେଟ ବଲରେ ବିନାୟକ ଆଚାର୍ଯ୍ୟ କଲେଜର ଛାତ୍ରୀ ଦିବ୍ୟଜ୍ୟୋତି ନନ୍ଦ ଚାମ୍ପିୟନ

ବ୍ରହ୍ମପୁର,୬।୩(ସୁବାସ ଚନ୍ଦ୍ର ପାଢ଼ୀ)

ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ବାସ୍କେଟ ବଲ ପ୍ରତିଯୋଗିତା ସରିଛି । ଏହି ପ୍ରତିଯୋଗିତାରେ ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ ବାସ୍କେଟ ବଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାସ୍କେଟ ବଲ ଦଳ ଚାମ୍ପିୟନ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ରନର୍ସଅପ ହୋଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାସ୍କେଟ ବଲ ଦଳରେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ +୩ ତୃତୀୟ ବର୍ଷ ଇଂରାଜୀ ସମ୍ମାନ ଛାତ୍ରୀ ଦିବ୍ୟଜ୍ୟୋତି ନନ୍ଦ ଚାମ୍ପିୟନ ହୋଇଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦଳରେ ଦିବ୍ୟଜ୍ୟୋତି, ସଂଘମିତ୍ରା, ବର୍ଷା, ସ୍ପନ୍ଦନା, ଦିବ୍ୟଦୀପ୍ତି, ପଲ୍ଲବୀ, ସାଗତିକା, ଅଙ୍କିତା, ଶୁଭଲକ୍ଷ୍ମୀ, ଅନୁଶ୍ରୀୟା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କୋଚ ଦୀପକ ପାତ୍ର ଓ ମ୍ୟାନେଜର୍ ନନ୍ଦିନୀଙ୍କ ନେତୃତ୍ୱରେ ଖେଳାଳିମାନେ ବାଲେଶ୍ୱର ଯାତ୍ରା କରିଥିଲେ ।

## ଏଚପିଭି ଟୀକାକରଣ ଶୁଭାରମ୍ଭ

### ଜରାୟୁ କର୍କଟ ରୋକିବାରେ ସହାୟ ହେବ

ଭଞ୍ଜନଗର,୬।୩(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଶୁକ୍ରବାର (ହ୍ୟୁମାନ ପାପିଲୋମା ଭାଇରସ) ଏଚପିଭି ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମେଡିକାଲ ଅଧୀକ୍ଷକ ଡାକ୍ତର ସିତାଂଶୁ ଶେଖର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏଚ୍‌ପିଭି ଟୀକାକରଣ ଦ୍ୱାରା ମହିଳାମାନଙ୍କ ଜରାୟୁ ଗ୍ରୀବା ମାରାତ୍ମକ କର୍କଟ ରୋଗକୁ ପ୍ରତିରୋଧ କରାଯିବା ଲାଗି ଏହି ସତନ୍ତ୍ର ପ୍ରୟାସ ଆରମ୍ଭ କରାଯାଇଛି। ମେଡ଼ିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ, ଏଲଏଚବି ମନ୍ଦାକିନୀ ବେହେରା, ବିଦ୍ୟୁପମା ସାହୁ, ସୁନୀତା କୁମାରୀ ଦାସ ଓ ସ୍ୱର୍ଣ୍ଣଲତା ତ୍ରିପାଠୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜରାୟୁ କର୍କଟରେ ଆମ ଦେଶରେ ପ୍ରତିବର୍ଷ ବହୁ ସଂଖ୍ୟାରେ ମହିଳା ପ୍ରାଣ ହରାଉଛନ୍ତି।

## ଦିନକରେ ୨ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ
# ତଥାପି ଦହଗଞ୍ଜ ଯାତ୍ରୀ






ଡୁଡୁମା କଲୋନୀ ବସ୍‌ଷ୍ଟାଣ୍ଡରେ କମିଶନରଙ୍କ ସହ ପୋଲିସ ଅଧିକାରୀମାନେ। ହଳଦିଆପଦର ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ନାହିଁ ନ ଥିବା ଅସୁବିଧା।

- ନୂଆ ବସ୍‌ଷ୍ଟାଣ୍ଡକୁ ବସ୍ ଯିବା ମନା
- ସହରକୁ ପର୍ଯ୍ୟାପ୍ତ ସିଟି ବସ୍ ସୁବିଧା ନାହିଁ
- ଅତ୍ୟଧିକ ଅଟୋ ଭଡ଼ା ଦେଇ ଯାତ୍ରୀ ହନ୍ତସନ୍ତ

ବ୍ରହ୍ମପୁର/ଗୋପାଳପୁର ୬।୩
ସୁବାସ ଚନ୍ଦ୍ର ପାଢ଼ୀ/ନବୀନ ରାଜ ଆଚାରୀ)

ଦୀର୍ଘ ଦିନର ଅପେକ୍ଷା ପରେ ବ୍ରହ୍ମପୁର ସହରକୁ ଆସୁଥିବା ଯାତ୍ରୀ ସୁବିଧା ଓ ଟ୍ରାଫିକ ସମସ୍ୟା ପାଇଁ ହଳଦିଆପଦର ଓ ଫାଷ୍ଟଗେଟ ନିକଟ ଡୁଡୁମା କଲୋନୀ ଅସ୍ଥାୟୀ ବସଷ୍ଟାଣ୍ଡ ଶୁକ୍ରବାର କାର୍ଯ୍ୟକ୍ଷମ କରି ପ୍ରଶାସନ ଖୁସି ହୋଇଛି। କିନ୍ତୁ ଏଥିରେ ଯାତ୍ରୀ ଯେତିକି ଖୁସି ତା'ଠାରୁ ଅଧିକ ଦୁଃଖ ଓ ଆର୍ଥିକ ବୋଝର ପାହାଡ ଲଦି ହେବା ସହ ଦହଗଞ୍ଜ ହୋଇପଡିଛନ୍ତି। ପର୍ଯ୍ୟାପ୍ତ ସିଟି ବସ ନଥିବାବେଳେ ଅଟୋରେ ଯାତ୍ରୀମାନେ ଅତ୍ୟଧିକ ଭଡା ଦେଇ ଆସୁଥିବା ଦେଖାଯାଇଛି। ନୂଆ ବସ୍‌ଷ୍ଟାଣ୍ଡକୁ ସମ୍ପୂର୍ଣ୍ଣ ବନ୍ଦ କରି ରଖାଯାଇଛି। ହଳଦିଆପଦର ବସଷ୍ଟାଣ୍ଡଠାରୁ ନୂଆ ବସଷ୍ଟାଣ୍ଡର ଦୂରତା ୫ କି.ମି. ହୋଇଥିବାବେଳେ ଡୁଡୁମା କଲୋନୀଠାରୁ ନୂଆ ବସଷ୍ଟାଣ୍ଡର ଦୂରତା ସେହି ୪ରୁ ୫ କି.ମି. ହେବ। ଜିଲାର ବିଭିନ୍ନ ସ୍ଥାନରୁ ଆସୁଥିବା ବସ୍‌ଗୁଡିକ ପୁରୁଣା ବସଷ୍ଟାଣ୍ଡଠାରେ କିଛି ସମୟ ରହିବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ପୂର୍ବରୁ ପ୍ରଶାସନ ପକ୍ଷରୁ ୬ ତାରିଖ ଏହି ଦୁଇ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବ ବୋଲି ଘୋଷଣା କରାଯାଇଥିଲା। ଘୋଷଣା ହେବା ପୂର୍ବରୁ ଭିତ୍ତିଭୂମି ସଜାଡିବା କଥା। କିନ୍ତୁ ତାହା କରାଯାଇନାହିଁ ବୋଲି ଗଞ୍ଜାମ ଘରୋଇ ବସ୍ ମାଲିକ ସଂଘର ଉପଦେଷ୍ଟା ତଥା ପୁରୁଷୋତ୍ତମପୁର ଘରୋଇ ବସ ମାଲିକ ସଂଘର ସଭାପତି ସନ୍ତୋଷ ପତି କହିଛନ୍ତି। ତାଙ୍କ କହିବା କଥା ହେଲା ଶୁକ୍ରବାର ଏହି ୨ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ସ୍ୱାଗତଯୋଗ୍ୟ। କିନ୍ତୁ ଯାତ୍ରୀମାନଙ୍କୁ ସହର ଭିତରକୁ ଆସିବାକୁ କେତେ ଅଟୋ ଭଡା ନିର୍ଦ୍ଧାରଣ କରାଯାଇନାହିଁ। ସିଟି ବସ ପର୍ଯ୍ୟାପ୍ତ ନଥିବାରୁ ଯାତ୍ରୀମାନଙ୍କଠାରୁ ଯେତେ ପାରିଲେ ସେତେ ଶୋଷଣ କରାଯାଉଛି। ହଳଦିଆପଦର ବସଷ୍ଟାଣ୍ଡରେ ପାନୀୟଜଳର ସୁବିଧା ନାହିଁ। କୋରାପୁଟ ଓ ଆନ୍ଧ୍ର ପଟୁ ଯେଉଁ ବସ୍ ଆସୁଛି ସେଗୁଡିକ ହଳଦିଆପଦର ବସ୍‌ଷ୍ଟାଣ୍ଡରେ ରହୁଛି। ଏପଟେ ଜୟପୁର, ଫୁଲବାଣୀ ପଟୁ ଯେଉଁ ଦ୍ରୁତଗାମୀ ବସ୍ ଆସୁଛି ତାହା ଡୁଡୁମା କଲୋନୀ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ରହୁଛି। ସେଠାରୁ ଯାତ୍ରୀମାନେ ଅଟୋ କିମ୍ବା ସିଟି ବସ୍‌ରେ ସହର ଭିତରକୁ ଆସିବା ସୁବିଧା କରାଯାଇଛି। ସହର ଭିତରକୁ ବସ୍ ଯିବା ମନା ବୋଲି ପ୍ରଶାସନ ପକ୍ଷରୁ ବୋର୍ଡ ଲଗାଯାଇଛି। ଗେଟ ବଜାର ଓଭରବ୍ରିଜ କାମ ଚାଲିଥିବାରୁ ଟ୍ରାଫିକ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଥିବା କୁହାଯାଉଥିଲେ ସୁଦ୍ଧା ସୁବିଧା ନ ଥିବାରୁ ଯାତ୍ରୀମାନେ ହଇରାଣ ହୋଇଛନ୍ତି। ଅନେକ ଯାତ୍ରୀ ଆଉ ବସ୍‌କୁ ଅପେକ୍ଷା ନ କରି ସିଧାସଳଖ ଅଟୋରେ ଦୂରସ୍ଥାନକୁ ଯାତ୍ରା କରୁଥିବା ଦେଖାଯାଉଛି। ଜିଲାର ବିଭିନ୍ନ ବ୍ଲକରୁ ଆସୁଥିବା ଲୋକମାନେ ପୂର୍ବପରି ନୂଆବସ୍‌ଷ୍ଟାଣ୍ଡକୁ ଆସୁଛନ୍ତି। ସେଠାରେ କୌଣସି କର୍ମଚାରୀ କିମ୍ବା ଅଧିକାରୀ ସେମାନଙ୍କୁ ଠିକ ତଥ୍ୟ ପ୍ରଦାନ କରୁ ନ ଥିବାରୁ ଅଧିକ ଖର୍ଚ୍ଚାନ୍ତ ହୋଇ ଟର୍ମିନାଲକୁ ଦୌଡୁଛନ୍ତି। ଅନେକ ଲୋକ ଆମ ବସ୍‌ର ରୁଟ ଜାଣି ନ ଥିବାରୁ ଅଟୋରେ ଯାତାୟାତ କରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାସହ ଟର୍ମିନାଲରେ ଘଣ୍ଟାଘଣ୍ଟା ଧରି ଗାଡିକୁ ଅପେକ୍ଷା କରୁଛନ୍ତି। ଯାତ୍ରୀଙ୍କୁ କୌଣସି ପ୍ରକାର ମୌଳିକ ସୁବିଧା ଯୋଗାଇବାରେ ପ୍ରଶାସନ କିଛି ପଦକ୍ଷେପ ନେଇନାହିଁ। ପିଇବା ପାଣି ଅଭାବ, ବସିବା ସ୍ଥାନରେ ପଙ୍ଖା ଚାଲୁନି। ବସ୍‌ଷ୍ଟାଣ୍ଡ ପରିସରରେ ଶୌଚାଳୟ ଥିଲେ ମଧ୍ୟ ଜଳ ଯୋଗାଣ ନଥିବାରୁ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ବସ୍‌ରେ ଫେରୁଥିବା ଯାତ୍ରୀଙ୍କ ସୂଚନାକ୍ରମେ ଅଟୋଚାଳକ ମାନେ ମନଇଚ୍ଛା ଦର କଷୁଛନ୍ତି। ନିଜ ସହ ସାମଗ୍ରୀ ଥିବା କାରଣରୁ 'ଆମ ବସ'ରେ ଚଢ଼ିବାକୁ ମନା କରୁଛନ୍ତି। ତେଣୁ ଖର୍ଚ୍ଚାନ୍ତ ହେବା ସହ ବାଧ୍ୟତାମୂଳକ ଅଟୋରେ ଯିବାକୁ ପଡୁଛି। ପ୍ରଶାସନ ଯାତ୍ରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କୁ ପଚାରିବାରୁ ସେ କହିଲେ ଯେ, ଯାହା ସମସ୍ୟା ଉପୁଜୁଛି ୨ ଦିନ ଭିତରେ ସମାଧାନ କରାଯିବ ।

## ନନକ୍ୟାଡର ସରକାରୀ ଓକିଲଙ୍କ କର୍ମଶାଳା ଉଦ୍‌ଯାପିତ

ବ୍ରହ୍ମପୁର, ୬।୩ (ସୁବାସ ଚନ୍ଦ୍ର ପାଢ଼ୀ)

ନନ୍‌କ୍ୟାଡର ସରକାରୀ ଓକିଲଙ୍କ ଦୁଇ ଦିନିଆ କର୍ମଶାଳା ସରକାରୀ ଆଇଟିଆଇ ପ୍ରେକ୍ଷାଳୟରେ ଉଦଯାପିତ ହୋଇଯାଇଛି। ଦେଶର ଆଇନରେ ହୋଇଥିବା ସଂଶୋଧନ ଓ ପରିବର୍ତ୍ତନ ସମ୍ପର୍କରେ ଅବଗତ କରାଯାଇ କିଭଳି ମକଦ୍ଦମା ଗୁଡ଼ିକର ସୁପରିଚାଳନା କରି ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ପୂର୍ବରୁ ରାଜ୍ୟସ୍ତରରେ ଏଭଳି କର୍ମଶାଳାର ଆୟୋଜନ କରାଯାଉଥିବା ବେଳେ ଚଳିତ ଥର ପ୍ରଥମ ଥର କର୍ମଶାଳାକୁ ଜିଲାସ୍ତରୀୟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କର୍ମଶାଳା ଗଞ୍ଜାମ ସମେତ ୭ ଜିଲାରେ ଏକକାଳୀନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାରେ ନିଯୁକ୍ତ ମୋଟ ପ୍ରାୟ ୧୭୫ ନନକ୍ୟାଡର ସରକାରୀ ଓକିଲଙ୍କ ମଧ୍ୟରୁ ୧୭ ସ୍ୱତନ୍ତ୍ର ପିପି ଓ ୧୧୩ ସହକାରୀ ପିପି ଓ ଜଣେ ଆସୋସିଏଟ ଆଇନ ଅଧିକାରୀଙ୍କୁ କର୍ମଶାଳାରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଥିଲା। କର୍ମଶାଳାର ଉଦ୍‌ଘାଟନ ଓ ଉଦ୍‌ଯାପନୀ ଦିବସରେ ପୃଥକ ପୃଥକ ଭାବେ ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ଏସ୍‌ପିଙ୍କୁ ବକ୍ତା ବା ପ୍ରଶିକ୍ଷକ ଭାବେ ନିମନ୍ତ୍ରଣ କରାଯାଇଥିଲେ ହେଁ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ସେମାନେ ଅନୁପସ୍ଥିତ ଥିଲେ ବୋଲି ଗଞ୍ଜାମ ଜିଲା ପବ୍ଲିକ ପ୍ରସିକ୍ୟୁଟର (ପିପି )ବିଶ୍ୱଜିତ ବରାଳ କହିଛନ୍ତି । ପ୍ରଥମ ଦିନରେ ଉପସ୍ଥାନ ଯଦିଓ ଥିଲା ୨ୟ ଦିନରେ ହ୍ରାସ ପାଇଥିବା ନେଇ ଯୁଗ୍ମ ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ ବିରକ୍ତି ଭାବ ପ୍ରକାଶ କରିଥିବା ଜଣାପଡଛି। ତେବେ ଏନେଇ ରିପୋର୍ଟ ପ୍ରଦାନ କରାଯିବ ବୋଲି ଗଞ୍ଜାମ ପିପି ବିଶଜିତ ବରାଳଙ୍କୁ କହିଛନ୍ତି । ପିପି ବରାଳ ଏହି କର୍ମଶାଳା ପରିଚାଳନା କରିଥିଲେ। ଆଇନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ (ପ୍ରସିକ୍ୟୁସନ) ଅଜିତ କୁମାର ପଟ୍ଟନାୟକଙ୍କ ସମେତ ଆରଏଫଏସଏଲ ଓ ଏଫଏମଟି ବିଭାଗ ବିଶେଷଜ୍ଞଙ୍କ ସମେତ ଅବସରପ୍ରାପ୍ତ କ୍ୟାଡର ପିପି, ଆଇନ ମହାବିଦ୍ୟାଳୟର ଅଧ୍ୟାପକଙ୍କ ସମେତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

## ଟିପିଏସ୍‌ଓଡିଏଲ୍ ପାଳିଲା ଲାଇନମ୍ୟାନ ଦିବସ

ବ୍ରହ୍ମପୁର,୬।୩(ସୁବାସ ଚନ୍ଦ୍ର ପାଢ଼ୀ)

ଟିପିଏସଓଡିଏଲ ତରଫରୁ ଲାଇନମ୍ୟାନ ଦିବସ ପାଳିତ ହୋଇଯାଇଛି। ଲାଇନମ୍ୟାନମାନଙ୍କ ତ୍ୟାଗ, ସାହସ ଏବଂ ସେବାକୁ ସମ୍ମାନ ଜଣାଇ କାର୍ଯ୍ୟକ୍ଷେତ୍ରର ଅଗ୍ରଯୋଦ୍ଧାମାନଙ୍କ ପାଇଁ ଏହି ଦିବସ ପାଳନ କରାଯାଇଛି। ଏହି ଅବସରରେ ୫୫ତମ ଜାତୀୟ ସୁରକ୍ଷା ଦିବସ ଏବଂ ଜାତୀୟ ସୁରକ୍ଷା ମାସ କମ୍ପାନୀର କାର୍ଯ୍ୟକ୍ଷେତ୍ରରେ ଆରମ୍ଭ କରାଯାଇଛି। ୭୫ରୁ ଅଧିକ ଲାଇନମ୍ୟାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଛି। ଏହି ଅବସରରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ସୁରକ୍ଷା ହେଉଛି ଆମର ପ୍ରାଥମିକତା। ପ୍ରତ୍ୟେକ କର୍ମଚାରୀ ସୁରକ୍ଷିତ ଭାବେ ଘରକୁ ଫେରିବା ଉଚିତ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଗ୍ରୀଷ୍ମ ପ୍ରବାହ ଉପରେ ପ୍ରସ୍ତୁତି ବୈଠକ

ଫୁଲବାଣୀ, ୬।୩(ରାକେଶ କୁମାର ରାଉତ)

ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ଥାନୀୟ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଏନେଇ ଏକ ବୈଠକ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଗ୍ରୀଷ୍ମ ପ୍ରବାହ ସମୟରେ ଜନସାଧାରଣଙ୍କ ଜୀବନ ରକ୍ଷା, ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଜିଲାରେ ପାନୀୟ ଜଳର ସୁବିଧା, ସ୍ୱାସ୍ଥ୍ୟ ସେବା ଏବଂ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ସେହିପରି ଅତିରିକ୍ତ ଜିଲାପାଳ ସମସ୍ତ ବିଭାଗୀୟ ସାଧାରଣ ଲୋକଙ୍କ ପାଖରେ ସରକାରୀ ସୁବିଧା ଯେପରି ସଠିକ ଭାବେ ପହଞ୍ଚିବ ତାହା ଉପରେ ଦୃଷ୍ଟି ଦେବାକୁ କହିଥିଲେ। କୌଣସି ଜରୁରୀ ପରିସ୍ଥିତି ପାଇଁ ଜିଲା ସ୍ତରୀୟ 'କଣ୍ଟ୍ରୋଲ ରୁମ' କୁ ସକ୍ରିୟ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲା ସାସ୍ଥ୍ୟ ଅଧିକାରୀ ଅକ୍ଷୟ ସାହୁଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ



ବ୍ରହ୍ମପୁର,୬।୩(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବୈଜ୍ଞାନିକ ପରାମର୍ଶ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର କୃଷି ବିକାଶ ଏବଂ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ଆଲୋଚନା କରାଯାଇଥିଲା। ଓୟୁଏଟିର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଭାରତୀୟ କୃଷି ଗବେଷଣା ପରିଷଦ, ଅଟାରି (ଜୋନ-୫), କୋଲକାତାର ପ୍ରମୁଖ ବୈଜ୍ଞାନିକ ଡ. କଲ୍ୟାଣ ସୁନ୍ଦର ଦାସ ଏବଂ ଭାରତୀୟ ଉଦ୍ୟାନ ଗବେଷଣା ପ୍ରତିଷ୍ଠାନ , ଭୁବନେଶ୍ୱରର ମୁଖ୍ୟ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ କୃଷି ଜ୍ଞାନକୌଶଳର ପ୍ରସାର ଉପରେ ମତ ରଖିଥିଲେ। ସଂପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ରବିରତ୍ନ ଦାଶ ଏହି ବୈଠକ ପରିଚାଳନା କରି କୃଷକ ମାନଙ୍କ ସମସ୍ୟାକୁ ନେଇ କୃଷକ ଜମିରେ ପରୀକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ପୁଷ୍ଟି ଫସଲ ଗବେଷଣା ସଂସ୍ଥା ର ଅଧ୍ୟକ୍ଷ ଡଃ ପ୍ରଶାନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ବୈଠକରେ କୃଷି ସହ ଜଡ଼ିତ ବିଭିନ୍ନ ବିଭାଗର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଗଞ୍ଜାମ ଏକରିକ ପ୍ରୋଜେକ୍ଟର ଜିଲା ସଂଯୋଜକ ରଞ୍ଜନ ଭୋଇ, ରାଇଜ ପ୍ରୋଜେକ୍ଟର ଶିବାଶିଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ବୈଜ୍ଞାନିକ ଡ ସିଦ୍ଧାର୍ଥ ଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ, କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ ସୁଜିତ୍‌କୁମାର ନାଥ ଗତ ବର୍ଷର ବିବରଣୀ ଉପସ୍ଥାପନ କରିଥିଲେ।

## ଗଞ୍ଜାମର ୫ ହଜାର ପଞ୍ଜୀକୃତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ

ବ୍ରହ୍ମପୁର,୬।୩(ଅଶୋକ କୁମାର ସାହୁ)

ଚଳିତବର୍ଷ ଭଲ ଧାନ ହୋଇଛି। ଚାଷୀ ଧାନ ବିକିବା ପାଇଁ ସରକାର ସମସ୍ତ ପ୍ରକାର ସୁବିଧା କରିଛନ୍ତି। ଚାଷୀ ପଂଜିକରଣ, ଟୋକନ ପ୍ରଦାନ ସହ ଚାଷୀ କିଭଳି ସୁବିଧାରେ ଧାନ ବିକିବ ସେଥିନେଇ ପଦକ୍ଷେପ ନିଆଯାଇଛି। କିନ୍ତୁ ଚଳିତବର୍ଷ ୫୪,୪୬, ୨୦୧ କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଗତ ମାସ ୧୬ ତାରିଖ ସୁଦ୍ଧା ୮୮ ପ୍ରତିଶତ ଧାନ କିଣାଯାଇଛି ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୫୬ ହଜାର ଚାଷୀ ପଂଜିକରଣ କରିଥିବାବେଳେ ୧ ଲକ୍ଷ ୪୭ ହଜାର ଚାଷୀଙ୍କ ଧାନ କିଣାଯାଇଛି। ଗତ ବର୍ଷ ୧ ଲକ୍ଷ ୨୯ ହଜାର ଚାଷୀଙ୍କ ଠାରୁ ୫୮ ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଥିଲା । ଗତ ବର୍ଷ ଚାଷୀମାନେ ସେହି ଜମିର ପଞ୍ଜୀକରଣ କରି ଯେତିକି ପରିମାଣ ଧାନ ବିକିବାକୁ ଟୋକନ୍ ଆସିଥିଲା ଚଳିତ ବର୍ଷ ସେହି ଜମିକୁ ପଞ୍ଜୀକରଣ କରି ସୁଦ୍ଧା ଅଧିକାଂଶ ଚାଷୀ ବିଭିନ୍ନ ଅସୁବିଧା ଯୋଗୁ ବାଧ୍ୟ ହୋଇ ବେପାରୀଙ୍କୁ ଅଧା ଦରରେ ବିକି କ୍ଷତି ସହୁଛନ୍ତି । ଜିଲା ପ୍ରଶାସନ ଏବଂ ସମବାୟ ଅଧିକାରୀ ହାତ ଟେକି ଦେଇଥିବାରୁ ଚଳିତ ବର୍ଷ ପ୍ରାୟ ୫ ହଜାର ଚାଷୀ ପଞ୍ଜିକରଣ କରି ସୁଦ୍ଧା ତାଙ୍କର ଟୋକନ ଆସି ନାହିଁ। ସେମାନେ ଧାନ ବିକିବା ପାଇଁ ଚାହିଁ ବସିଛନ୍ତି । ଯୋଗାଣ ଓ ସମବାୟ ଅଫିସକୁ ଦୌଡୁଥିଲେ ବି ଧାନ ବିକ୍ରି କରିପାରୁନାହାନ୍ତି ବୋଲି ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଓ ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ ପ୍ରକାଶ କରିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଆରଆଇ ଓ କୃଷି ଗ୍ରାମ ସେବକ ମିଶି ତଦନ୍ତ କରି ସେହି ଜମିରେ ଧାନ ରୁଆ ହୋଇଛି ବୋଲି ରିପୋର୍ଟ ଦେଇଛନ୍ତି। ସେହି ଚାଷୀଙ୍କ ପଞ୍ଜିକରଣ କଟିଲା କେମିତି, କିଏ କାଟିଲା ବୋଲି ଚାଷୀମାନେ ପ୍ରଶ୍ନ କରୁଛନ୍ତି । ସାଟେଲାଇଟ୍ ସର୍ଭେରେ କଟିଲା ବୋଲି ସମବାୟ ଅଧିକାରୀ କହୁଛନ୍ତି। ମାତ୍ର ପ୍ରକୃତ ଧାନ ଚାଷ କରିଥିବା ଜମି ଗୁଡ଼ିକ ସମବାୟ ଅଧିକାରୀମାନେ ଜାଣିଶୁଣି କମ ଟାର୍ଗେଟ ଆସିବ ବୋଲି କଟେଇଥିବା ସରପଞ୍ଚ ନିରଞ୍ଜନ ପ୍ରଧାନ ଏବଂ ଚାଷୀମାନେ ଅଭିଯୋଗ କରିଛନ୍ତି । ଆସନ୍ତା ସପ୍ତାହରେ ଧାନ କିଣା ସରିଯିବ ବୋଲି ଜିଲା ଯୋଗାଣ ଅଧିକାରୀ କହୁଛନ୍ତି । ଏଣୁ ପ୍ରକୃତ ଚାଷୀଙ୍କ ଧାନ କିଣା ନ ହେଲେ ଆନ୍ଦୋଳନ ହେବ ବୋଲି ଉପରୋକ୍ତ ଦୁଇ ଚାଷୀ ନେତା କହିଛନ୍ତି।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ବ୍ରହ୍ମପୁର,୬।୩(ସୁବାସ ଚନ୍ଦ୍ର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ମହାବିଦ୍ୟାଳୟର ପ୍ରତିଷ୍ଠାତା ରାଜା ସାହେବ ହରିହର ମର୍ଦ୍ଦରାଜ ଦେଓ ଓ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବିଶ୍ୱବିଦ୍ୟାଳୟର ଐତିହ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ବିଶ୍ୱବିଦ୍ୟାଳୟ ବାର୍ଷିକ ବିବରଣୀ ପଠନ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରି ଗୌରବ ବୃଦ୍ଧି କରିବା ସମ୍ପର୍କରେ କହିଥିଲେ। ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଭାବେ ଆକାଶବାଣୀ କେନ୍ଦ୍ର, ବ୍ରହ୍ମପୁରର ପ୍ରାକ୍ତନ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ରାଜକିଶୋର ପାଢ଼ୀ ଯୋଗଦେଇଥିଲେ। ଶେଷରେ କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଧନ୍ୟବାଦ ଦେଇଥିଲେ। ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥଙ୍କ ଆବାହକତ୍ୱରେ ପରିଚାଳିତ ହୋଇଥିଲା। ଉ କୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର, ଡ. ଗୌତମ ସାବତ, ଡ. ଯତୀନ ବିଷୋୟୀ, ଡ. ସୁଶୀଲ କୁମାର ରାଠୋର, ଡ. ପ୍ରଣତି ରଥ, ଡ. ସସ୍ମିତା କୁମାରୀ ବେହୁରା, ଡ. ଅନ୍ନପୂର୍ଣ୍ଣା ସାହୁ ସମେତ ସମସ୍ତ ବିଭାଗର ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ବ୍ରହ୍ମପୁରରେ ହେବ ବିଶାଳ ହିନ୍ଦୁ ସମ୍ମିଳନୀ, ଜିଲାର ୫୦ ହଜାର ସାଧୁ ସନ୍ଥ ଯୋଗଦେବେ

ବ୍ରହ୍ମପୁର, ୬।୩(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଚଳିତ ମାସ ୮ ତାରିଖରେ ରବିବାର ଦିନ ଖଲ୍ଲିକୋଟ ବିଶବିଦ୍ୟାଳୟ ଖେଳ ପଡ଼ିଆରେ ବିଶାଳ ହିନ୍ଦୁ ସମ୍ମିଳନୀର ଆୟୋଜନ ହେବ । ଏନେଇ ଆଜି ଏକ ଖବରଦାତା ସମ୍ମିଳନୀ ଉତ୍କଳ ଆଶ୍ରମରେ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ ହଜାର ବିଭିନ୍ନ ମଠ ମନ୍ଦିରର ପୂଜ୍ୟ ସାଧୁସନ୍ଥ, ମଠାଧିଶ ମାନେ ଯୋଗ ଦେବେ। ଏକ ସୁନ୍ଦର ଓ ସୁଦୃଢ଼ ହିନ୍ଦୁ ସମାଜ ନିର୍ମାଣ ପାଇଁ ମାର୍ଗ ପ୍ରଶସ୍ତ କରିବା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସମେତ ବିଭିନ୍ନ ହିନ୍ଦୁ ଧାର୍ମିକ ଓ ଆଧ୍ୟାତ୍ମିକ ସଙ୍ଗଠନ ତଥା ଅନୁଷ୍ଠାନ ସହଯୋଗ କରିବେ। ବିଶ୍ୱ ହିନ୍ଦୁ ପରିଷଦ ଜିଲା ସଭାପତି ଅଜିତ କୁମାର ମହାପାତ୍ର ପୌରୋହିତ୍ୟ କରିବେ। ବିଶିଷ୍ଟ ପ୍ରବଚକ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି, ଆର୍‌ଏସଏସ ପ୍ରାନ୍ତ ପ୍ରଚାର ପ୍ରମୁଖ ସୃଷ୍ଟିଧର ବିଶାଳ ସମ୍ମାନିତ ଅତିଥି, ନିଗମ କଳ୍ପତରୁ ଆଶ୍ରମ ଅଧ୍ୟକ୍ଷ ପୂଜ୍ୟ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ଅଜିତ କୁମାର ମହାପାତ୍ର ନୀଳକଣ୍ଠ ନଗର ସରସତୀ ଶିଶୁ ବିଦ୍ୟା ମନ୍ଦିର(ଏସଏସଭିଏମ)ର ଶୈକ୍ଷିକ ପ୍ରମୁଖ ତଥା କାର୍ଯ୍ୟକ୍ରମର ସଭାପତି ଉମାଧବ ମହାନ୍ତି, ସମ୍ପାଦକ ନାରାୟଣ ପଣ୍ଡା, ସଭାପତି ଦିବାନନ୍ଦ ତ୍ରିପାଠୀ ସହ ସମ୍ମିଳନୀର ପ୍ରଚାର ପ୍ରମୁଖ ପ୍ରହଲ୍ଲାଦ ପାଣିଗ୍ରାହୀ ଯୋଗ ଦେଇଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

## ମା' ତାରାତାରିଣୀଙ୍କ ଚୈତ୍ରଯାତ୍ରା ଲାଗି ପ୍ରସ୍ତୁତି

### ବଳି ପକାଇଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ



ପୁରୁଷୋତ୍ତମପୁର,୬।୩ (ସବିତା ମିଶ୍ର)

ଚଳିତବର୍ଷ ମାର୍ଚ୍ଚ ୧୦ରୁ ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ଯାତ୍ରା ଆରମ୍ଭ ହେବ। ଏନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପୌରହିତ୍ୟରେ ଶୁକ୍ରବାର ରାତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ,ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନ, ଛତ୍ରପୁର ଉପଜିଲାପାଳ ଶୁଭାଶିଷ ବରାଳ, ଅତିରିକ୍ତ ଏସ୍‌ପି ପ୍ରଶାନ୍ତ ଦାଶ ଉପସ୍ଥିତ ରହି ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ବର୍ଷ ମାର୍ଚ୍ଚ ମାସର ୪ଟି ମଙ୍ଗଳବାର ୧୦, ୧୭, ୨୪ ଏବଂ ୩୧ ତାରିଖ ପଡୁଛି। ଏହି ଚୈତ୍ର ଯାତ୍ରା ମହାଆଡମ୍ବରରେ ହେବ। ଚଳିତ ବର୍ଷ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଗତବର୍ଷ ତୁଳନାରେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ତଥା ମାନସିକଧାରୀଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଆଇନ ଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା, ଆଲୋକିକରଣ, ପାନୀୟ ଜଳ ଯୋଗାଣ, ମୁଣ୍ଡନ, ମୋବାଇଲ ଟଏଲେଟ ବ୍ୟବସ୍ଥା କରିବା, ଦୀପସ୍ତମ୍ଭ କରିବା, ପାହାଡ ଉପରକୁ ଯାତାୟତ ଲାଗି ଅଧିକ ବସ୍ ନିୟୋଜିତ କରିବା, ତୋରଣ, ପରିମଳ, ଅଗ୍ନିଶମ ନିର୍ବାପକ, ପ୍ରାଥମିକ ଚିକିତ୍ସା ଓ ଆମ୍ବୁଲାନ୍ସ ବ୍ୟବସ୍ଥା ଭଜନ ସମାରୋହ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ମଦ ଓ ନିଶା କାରବାର ବନ୍ଦକରିବା, ପାହାଡତଳେ ବିଭିନ୍ନ ସ୍ଥାନରେ ବଳି ପକାଯାଉଥିବାରୁ ଏହି ବଳିପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଓ ନକଲି ଘିଅ ବିକ୍ରି ବନ୍ଦ କରିବା ଲାଗି ମନ୍ତ୍ରୀ ଗୁରୁତ୍ୱାରୋପ କରି ଏହା ନ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲା ପରିବହନ ଅଧିକାରୀ ଦେବାଶିଷ ସ୍ୱାଇଁ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ବିଡ଼ିଓ ଶରତ ପାତ୍ର , ଏସ୍‌ଡିପିଓ ସୁଜିତ ନାୟକ, ଆଇଆଇସି କୁଳମଣି ସେଠୀ, ମନ୍ଦିର ଉନ୍ନୟନ ପରିଷଦ ସଂପାଦକ ପ୍ରମୋଦ ପଣ୍ଡା, ବରିଷ୍ଠ ସେବାୟତ ବାପୁଜୀ ରଣା ଓ ଅନ୍ୟମାନେ ଉପସ୍ଥିତଥିଲେ।

## ପାତ୍ରପୁର ତଳ ବସଷ୍ଟାଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଜବରଦଖଲ ଉଚ୍ଛେଦ

ପାତ୍ରପୁର,୬।୩(ଉମା ଚରଣ ନେପାକ)

ପାତ୍ରପୁର ତହସିଲ ପକ୍ଷରୁ ତଳ ବସଷ୍ଟାଣ୍ଡଠାରେ ଗତ ଜୁଲାଇ ଜୁଲାଇ ୧୪ ତାରିଖରେ ପୋଲିସ ସହାୟତାରେ ପ୍ରାୟ ୭ଟି ଜେସିବି ମେଶିନ ଲଗାଇ ଜବରଦଖଲ ଉଚ୍ଛେଦ କରାଯାଉଥିବା ବେଳେ କୌଣସି କାରଣରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଥିଲା।

ବାରମ୍ବାର ନୋଟିସ ଜାରି ସତ୍ତ୍ୱେ ସରକାରୀ ଜମି ଜବରଦଖଲ କରିଥିବା ବ୍ୟକ୍ତି ସରକାରୀ ଜମି ଛାଡୁ ନ ଥିଲେ। କିଛି ଦିନ ପରେ ପୁଣି ପାତ୍ରପୁର ତହସିଲ ପକ୍ଷରୁ ବଳକା ଜବରଦଖଲକାରୀଙ୍କ କବଜାରେ ଥିବା ଜମି ଚିହ୍ନଟ କରି ଦ୍ୱିତୀୟ ଥର ପାଇଁ ନୋଟିସ ଜାରି କରାଯାଇଥିଲା। ବୁଧବାର ପ୍ରସାଶନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ପାତ୍ରପୁର ତଳ ବସଷ୍ଟାଣ୍ଡରେ ସୂଚନା ଦେବା ପରେ ଶୁକ୍ରବାର ତହସିଲଦାରଅଶୋକ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ପର୍ଯ୍ୟାୟ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସମୟରେ ତହସିଲଦାରଙ୍କ ସମେତ ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଜରଡା ଥାନା ଅଧିକାରୀ ମିନାକ୍ଷୀ ଦଳବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱରାଜ୍ୟ ପାଣିଗ୍ରାହୀ, ପାତ୍ରପୁର ତହସିଲ କାର୍ଯ୍ୟାଳୟ କର୍ମଚାରୀ ଓ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏନେଇ ତହସିଲଦାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଯାହା ପୂର୍ବରୁ ଚିହ୍ନଟ କରାଯାଇଛି ତାହାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯିବ।

